# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 09 October – 2025

***********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ; ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା
- ଜନଜାତି ବିଧାୟକ ଓ ସାଂସଦଙ୍କ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରରେ ଉଦ୍‌ଘାଟିତ
- ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ

ଏବଂ

- ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଅବଦାନକୁ ଉଜ୍ଜୀବିତ କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଡାକ ଦିବସ

# ନୂଆପଡ଼ା– ଭୋଟର ତାଲିକା

ଆସନ୍ତା ନଭେମ୍ବର ମାସ ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଭାରତର ନିର୍ବାଚନ ଆୟୋଗଙ୍କର ପକ୍ଷରୁ ଜାରି ହୋଇଥିବା ସମସ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଅନୁପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ କହିଛନ୍ତି। ଚଳିତ ବର୍ଷ ଭାରତର ନିର୍ବାଚନ ଅୟୋଗକଙ୍କ ମାର୍ଗଦର୍ଶିକା ଅନୁସାରେ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧ ହଜାର ୨୦୦ ମଧ୍ୟରେ ସୀମିତ ରଖାଯାଇଛି।

ଅନ୍ୟପକ୍ଷରେ ନୂଆପଡ଼ା ବିଧାନସଭାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ମୋଟ୍ ୨ ଲକ୍ଷ ୫୩ ହଜାର ୬୨୪ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ଏଥିମଧ୍ୟରୁ ୧ ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ ଭୋଟର ଥିବାବେଳେ ୧ ଲକ୍ଷ ୨୯ ହଜାର ୪୯୫

ଜଣ ମହିଳା ଭୋଟର ଅଛନ୍ତି। ୧ ହଜାର ୭୮୬ ଜଣ ବରିଷ୍ଠ ନାଗରିକ, ୯ ହଜାର ୪୨୯ ଯୁବ ଭୋଟର ଏବଂ ୩ ହଜାର ୯୮୮ ଜଣ ଭିନ୍ନକ୍ଷମ ଭୋଟର ରହିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ, ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ଗଣମାଧ୍ୟମ ଗୁଡ଼ିକୁ ବିଜ୍ଞାପନ ଜାରି ପୂର୍ବରୁ ନିର୍ବାଚନ ଆୟୋଗଙ୍କର ଅନୁମତି ଜରୁରୀ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ କହିଛନ୍ତି।

BBSR/R

## ସାଂସଦ ପ୍ରଶିକ୍ଷଣ

ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜନଜାତି ବିଧାୟକ ଏବଂ ସାଂସଦମାନଙ୍କ ପ୍ରଶିକ୍ଷଣ ଶିବିରକୁ ଆଜି ରାଜ୍ୟ ବିଜେପି ସହ–ପ୍ରଭାରୀ ଲତା ଉସେଣ୍ଡି ଉଦ୍‌ଘାଟନ କରିଛନ୍ତି। କର୍ମଶାଳାରେ ଜନଜାତିଙ୍କ ବିକାଶ ସହ ଜଡ଼ିତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର କ୍ଷେତ୍ର ପ୍ରସ୍ତୁତି ଓ ଯାଞ୍ଚ ସମ୍ପର୍କରେ ଆଲୋଚନା କରାଯାଇଛି। ବିଶେଷ କରି ବିଶେଷ କରି ଜନଜାତି ବର୍ଗର ଲୋକଙ୍କ ଆୟବୃଦ୍ଧି ଓ ସେମାନଙ୍କୁ ଆତ୍ମନିର୍ଭର କରିବା ସହ ଏକ ଦାଦନମୁକ୍ତ ସମାଜ ଗଠନ ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି। ନିଜ ଅଂଚଳର ୨୦ରୁ ୨୫ ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବାକୁ ଶିବିରରେ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ, ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ସମୀର ଓରାଓଁ ଓ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ ।

Desk

## ଡ୍ରେନେଜ ବ୍ୟବସ୍ଥା

ଭୁବନେଶ୍ୱର ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜଧାନୀରେ ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଏ ନେଇ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ଯାତାୟାତରେ ଅସୁବିଧା ଉପୁଜିଛି । ଆଗାମୀ ଦିନରେ ଆଇ.ଆଇ.ଟି. ରୁର୍କି ଢାଞ୍ଚାରେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଅଣାଯିବାକୁ ଯୋଜନା ରହିଛି । ଏ ନେଇ ଯୋଜନା ପ୍ରସ୍ତୁତ ହୋଇସାରିଥିବା ବେଳେ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

Desk

## ଦଶହରା ଗଣ୍ଡଗୋଳ

କଟକ ଦଶହରା ଭସାଣୀ ଗଣ୍ଡଗୋଳ ଘଟଣାରେ ଆଜି ହାତୀପୋଖରୀ ଅଞ୍ଚଳକୁ କମିଶନରେଟ ପୁଲିସ ଯାଞ୍ଚ କରୁଛି ।  ଘରକୁ ଘରକୁ ବୁଲି କେନ୍ଦ୍ରୀୟ ଟିମ୍ ଯାଞ୍ଚ କରୁଛନ୍ତି । ସ୍ଥାନୀୟ ଅଞ୍ଚଳରେ ଦୁଇ ଜଣ ଏସିପି, ତିନି ଜଣ ଆଇଆଇସି'ଙ୍କ ସହ ବ୍ୟାପକ ପୁଲିସ  ମୁତୟନ କରାଯାଇଛି । ଆଜି

ଆଉ ତିନିଜଣଙ୍କୁ ଗିରଫ କରାଯାଇଛ ବୋଲି ଏସିପି ଗିରିଜା ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

Rayagada

## ଅନାସ୍ଥା ପ୍ରସ୍ତାବ

ରାୟଗଡ଼ା ପୌରପାଳିକା ଶୁଭ୍ରା ପଣ୍ଡାଙ୍କ ବିରୁଦ୍ଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ନେଇ ଭୋଟ୍ ଗ୍ରହଣ ଶେଷ ହୋଇଛି। ପୂର୍ବାହ୍ନ ୧୧ଟା ମତଦାନ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

BBSR.R/Desk

# ଗୋପବନ୍ଧୁ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି  ୧୪୮ତମ ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ।

ବିଧାନସଭା ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପମୁଖଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ

ଉତ୍ସର୍ଗୀକୃତ ଜୀବନ, ଅପ୍ରତିମ ତ୍ୟାଗ ଏବଂ ନିଃସ୍ୱାର୍ଥପର ସେବା ଚିରଦିନ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**- V/O -**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ମୁକ୍ତି ସଂଗ୍ରାମର ମହାନ ସଂଗ୍ରାମୀ, ସମାଜ ସଂସ୍କାରକ, ସୁସାହିତ୍ୟିକ ଓ ସତ୍ୟବାଦୀ ବନବିଦ୍ୟାଳୟ ଭଳି ଏକାଧିକ ଅନୁଷ୍ଠାନର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସ ଚିରସ୍ମରଣୀୟ ହୋଇ ରହିବେ।

ଭୁବନେଶ୍ୱରରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୟନ୍ତୀ ସମାରୋହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲୀକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

Nabarangpur

## ନବରଙ୍ଗପୁର ପୁରସ୍କୃତ

ଆକାଂକ୍ଷୀ ଜିଲ୍ଲା ନବରଙ୍ଗପୁର ଅପପୁଷ୍ଟିକୁ ପ୍ରତିହତ କରି କୁପୋଷଣ ହ୍ରାସ ଦିଗରେ ଉଲ୍ଲେଖନୀୟ ସଫଳତା ପାଇ ଜାତୀୟସ୍ତରରେ ତୃତୀୟ ସ୍ଥାନରେ ହାସଲ କରିଛି। ମସୁରୀର ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନ ଏକାଡେମୀରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଆଜି ନବରଙ୍ଗପୁର ଜିଲ୍ଲାକୁ ପୁରସ୍କୃତ କରାଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର

ସ୍ୱାଇଁ ନୀତି ଆୟୋଗର ସିଇଓ ଭି.ବି.ଆର୍ ସୁବ୍ରମଣ୍ୟକଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

Ganjam

## ଦିନିକିଆ ତାଲିମ ଶିବିର

ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଯୌତୁକ ପ୍ରତିଷେଧ ଅଧିନିୟମ-୧୯୬୧ ଉପରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଯୌତୁକ ନେବା ଓ ଦେବାକୁ ବାରଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଇନର ଦୁରୂପଯୋଗ କିଭଳି ନ ହେବ ସେ ସମ୍ପର୍କରେ ଧ୍ୟାନ ଦେବାକୁ ମତବ୍ୟକ୍ତ କରିଥିଲେ।

Desk

## ମାଲ ପରିବହନ

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମାଲ ପରିବହନ ଓ ଯାତ୍ରୀ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୫ ଏପ୍ରିଲ ମାସ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ୧୩୭ ଦଶମିକ ୬ ନିୟୁତ ଟନ୍ ମାଲ ପରିବହନ କରିଛି। ଏହି ପରିବହନରେ ୧୪ ହଜାର ୧୬୨ କୋଟି ୫୮ ଲକ୍ଷ ଟଙ୍କା ଆୟ କରିଛି। ଅନ୍ୟପକ୍ଷରେ ଯାତ୍ରୀ ପରିବହନ କ୍ଷେତ୍ରରେ ଏପ୍ରିଲ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ୪୮ ଦଶମିକ ୨/୧ ନିୟୁତ ଯାତ୍ରୀ ଯାତାୟତ କରିଛନ୍ତି।

Desk

# ଡାକ ଦିବସ

ଡାକସେବା ଏବଂ ଡାକ ବିଭାଗ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ଆଜି ବିଶ୍ୱ ଡାକ ଦିବସ ପାଳନ କରାଯାଉଛି। ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ, ଡାକ ବିଭାଗ କର୍ମଚାରୀ ଏବଂ ଏଥିସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ। ୧୯୬୯ ମସିହାରେ ଜାପାନର ଟୋକିଓଠାରେ ୟୁନିଭର୍ସିଆଲ ପୋଷ୍ଟାଲ ୟୁନିଅନର ଅଧିବେଶନରେ ଭାରତ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଡାକ ଦିବସ ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସର୍ବସମ୍ମତିକ୍ରମେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏହା ପୂର୍ବରୁ ୧୮୭୬ ମସିହା ଜୁଲାଇ ୧ ତାରିଖରେ ଭାରତ ପ୍ରଥମ ଏସିଆ ଦେଶଗୁଡ଼ିକରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ୍‌ର ସଦସ୍ୟ ହୋଇଥିଲା ଏବଂ ୧୮୫୪ ମସିହା ଅକ୍ଟୋବର ମାସ ୧ ତାରିଖରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ। କଲିକତାରେ ଭାରତର ପ୍ରଥମ ଡାକଘର ସ୍ଥାପନା କରାଯାଇଥିଲା। ବିଶ୍ୱର ସର୍ବାଧିକ ଡାକଘର ଭାରତରେ ଥିବା ଜଣାପଡ଼ିଛି।

Desk

# ବିଶ୍ୱ ଦୃଷ୍ଟି ଦିବସ

ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ଦୃଷ୍ଟି ଦିବସ ଭାବେ ପାଳନ କରାଯାଇଥାଏ । ୨୦୦୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ତର୍ଜାତୀୟ ଅନ୍ଧତ୍ୱ ନିବାରଣ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ **ଆଖିକୁ ଭଲପାଅ** ଏହି ଦିବସର ବାର୍ତ୍ତା ରହିଛି ।

Desk

# ପାଣିପାଗ

ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ଥିବା ଯୋଗୁଁ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ, ଉତ୍ତର ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଚଳିତ ଅକ୍ଟୋବର ମାସରେ ରାଜ୍ୟରେ ୧୧୨ ମିଲିମିଟର ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦ ଦଶମିକ ୪ ମିଲିମିଟର ବର୍ଷା

ହୋଇସାରିଛି । ଚଳିତ ମୌସୁମୀ ଋତୁରେ ଜୁନ ମାସ ପହିଲାରୁ ସେପ୍ଟେମ୍ବର ମାସ ମଧ୍ୟରେ ୧ ହଜାର ୧୧୫ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଯାହାକି ସ୍ୱାଭାବିକ ବର୍ଷାଠାରୁ ଶୂନ ଦଶମିକ ୫ ମିଲିମିଟର ବର୍ଷା ଅଧିକା ହୋଇଛି । ରାଜ୍ୟରେ ଚଳିତ ବର୍ଷ ମୌସୁମୀ ବର୍ଷା ଠିକ ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।